# ବଦଳୁଛି କଳେବର

୧୯୪୮ ଏପ୍ରିଲ ୧୩ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବା ଦିନଟିଏ। ଏହି ଦିନ ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ ପୁରୁଣା ଭୁବନେଶ୍ୱର, କପିଳ ପ୍ରସାଦ, କପିଳେଶ୍ୱର ଓ ସାମନ୍ତରାପୁର ଭଳି ଅଳ୍ପ କେତେକ ଅଞ୍ଚଳକୁ ନେଇ ଗଢି ଉଠିଥିଲା ଓଡ଼ିଶାର ନୂତନ ରାଜଧାନୀ ଭୁବନେଶ୍ୱର। ପରେ ଏହା ସହ ନୂଆ ନୂଆ ଅଞ୍ଚଳ ମିଶିବା ସହିତ ଲୋକ ସଂଖ୍ୟା ବଢି ଚାଲିଲା। ୧୯୫୨ ଅକ୍ଟୋବର ପହିଲାରେ ଭୁବନେଶ୍ୱର ବିଜ୍ଞାପିତ ଅଞ୍ଚଳ ପରିଷଦ, ୧୯୭୯ରେ ମ୍ୟୁନିସିପାଲିଟି ଏବଂ ୧୯୯୪ ଜୁଲାଇ ୨୮ରେ ମହାନଗର ନିଗମର ମାନ୍ୟତା ପାଇଥିଲା। ସବୁ କ୍ଷେତ୍ରରେ ବିକଶିତ ହୋଇ ଏହି ସହର ସମ୍ପ୍ରତି ଦେଶର ଏକ ଅଗ୍ରଣୀ ସହର ହୋଇପାରିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବ୍ୟବସାୟ, ଅର୍ଥନୀତି, କ୍ରୀଡ଼ା, ସଂସ୍କୃତି ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଶୀର୍ଷକୁ ଛୁଇଁବାରେ ସଫଳ ହୋଇଛି। ଏଥିସହ ଦେଶର ନମ୍ବର ୱାନ୍ ସ୍ମାର୍ଟସିଟିର ମାନ୍ୟତା ପାଇଛି। ବୁଧବାର ରାଜଧାନୀ ଭୁବନେଶ୍ୱର ୭୫ ବର୍ଷରେ ପଦାର୍ପଣ କରୁଛି। ସହରର ପ୍ରତିଷ୍ଠା ଦିବସ ଅବସରରେ ଏହି ସ୍ୱତନ୍ତ୍ର ଉପସ୍ଥାପନା।




## ପାଲଟିଛି ଶିକ୍ଷା ହବ୍

ଶିକ୍ଷା କ୍ଷେତ୍ରରେ ଭୁବନେଶ୍ୱରକୁ ମିଳିଛି ଅନେକ ସଫଳତା। ରାଜଧାନୀ ପ୍ରତିଷ୍ଠା ହେବାବେଳେ ଏଠାରେ ହାତଗଣତି କେତୋଟି ଶିକ୍ଷାନୁଷ୍ଠାନ ରହିଥିଲା। ତେବେ ସହରର ବୟସ ଓ କଳେବର ବଢିବା ସାଙ୍ଗକୁ ମାଳ ମାଳ ମଣିଷ ତିଆରି କାରଖାନା ଗଢି ଉଠିଛି। ଉତ୍କଳ ବିଶ୍ୱବିଦ୍ୟାଳୟ, ସଂସ୍କୃତି ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ମହାବିଦ୍ୟାଳୟ ଭଳି ଉଚ୍ଚମାନର ଶିକ୍ଷାନୁଷ୍ଠାନ ବହୁ ପ୍ରତିଭାଙ୍କୁ ତିଆରି କରିଛି। ସେହିପରି ନାଇଜର, ଆଇଆଇଟି, ଏନ୍ଆଇଏଫ୍‌ଟି, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ, ଏମ୍ସ, କିଟ୍ ବିଶ୍ୱବିଦ୍ୟାଳୟ, ଇଗ୍ନୋ ଭଳି ବହୁ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢିବାରେ ସହାୟକ ହେଉଛନ୍ତି। ଏସବୁକୁ ନେଇ ରାଜଧାନୀ ପୂର୍ବ ଭାରତରେ ଶିକ୍ଷାର ହବ୍ ପାଲଟିଛି।

## ନନ୍ଦନକାନନ ସମେତ ୫୦ରୁ ଊର୍ଦ୍ଧ୍ୱ ପାର୍କ



ଏଠାରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଓ ଉଦ୍ଭିଦ ଉଦ୍ୟାନ ରହିଛି। ଏହାବ୍ୟତୀତ ବିଜୁ ପଟ୍ଟନାୟକ ପାର୍କ (ଫରେଷ୍ଟ ପାର୍କ), ବିଜୁ ପଟ୍ଟନାୟକ ଶକ୍ତି ଉଦ୍ୟାନ, ସାଇନ୍ସ ପାର୍କ, ବୁଦ୍ଧ ପାର୍କ, ଏକାମ୍ର କାନନ, ଜୟଦେବ ବାଟିକା, ମହାତ୍ମା ଗାନ୍ଧୀ ପାର୍କ, ଇନ୍ଦିରା ଗାନ୍ଧୀ ପାର୍କ, ଇନ୍ଦ୍ରା ପାର୍କ, ଖାରବେଳ ପାର୍କ, ନିକୋ ପାର୍କ, ନେହେରୁ ପାର୍କ, ଶ୍ୟାମ ପ୍ରସାଦ ମୁଖାର୍ଜୀ ପାର୍କ, ସୁଭାଷ ବୋଷ ପାର୍କ, ଖାରବେଳ ପାର୍କ ସହ ୫୦ରୁ ଊର୍ଦ୍ଧ୍ୱ କମ୍ୟୁନିଟି ପାର୍କ ରହିଛି।

## ସମୃଦ୍ଧ ପର୍ଯ୍ୟଟନ କ୍ଷେତ୍ର



ସହରର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ଖଣ୍ଡଗିରି ଓ ଉଦୟଗିରିରେ ଆଜି ବି ସମ୍ରାଟ ଖାରବେଳଙ୍କ ଲିପି ଦେଖିବାକୁ ମିଳେ। ଏଥିସହ ମହାବୀର ଜୈନ ଓ ବୁଦ୍ଧଙ୍କ ସମୟର ବିଭିନ୍ନ ଐତିହାସିକ ଚିହ୍ନ ମଧ୍ୟ ପରିଲକ୍ଷିତ ହୁଏ। ଶାନ୍ତିସ୍ତୂପ ଧଉଳି, ନନ୍ଦନକାନନ, ପ୍ଲାନେଟାରିୟମ୍ ଭଳି ବହୁ ପର୍ଯ୍ୟଟନସ୍ଥଳୀ ରହିଛି। ପର୍ଯ୍ୟଟନ କ୍ଷେତ୍ରକୁ ସମୃଦ୍ଧ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଚଳିତ ବର୍ଷ ୭ଟି ସ୍ଥାନରେ ଇକୋ ରିଟ୍ରିଟ୍ କରାଯାଇଛି। ସେହିପରି କାଠ ଡଙ୍ଗା ବଦଳରେ ଫାଇବର ଗ୍ଲାସ ରେନ୍‌ଫୋର୍ସଡ୍ ପ୍ଲାଷ୍ଟିକ୍ (ଏଫ୍ଆର୍‌ପି) ଡଙ୍ଗାରେ ଭ୍ରମଣର ମଜା ନେଉଛନ୍ତି ପର୍ଯ୍ୟଟକ। ମହାନଦୀରେ ଫ୍ଲୋଟିଂ ରେଷ୍ଟୁରାଣ୍ଟ ସହିତ ବୋଟିଂ, ହୀରାକୁଦରେ ଦୁଃସାହସିକ ପାରାସେଲିଂ ଆଦି ଓଡ଼ିଶା ପର୍ଯ୍ୟଟନକୁ ନୂଆ ଦିଶା ଦେଇଛି। ମନୋରଞ୍ଜନ ପାଇଁ କଳାକେନ୍ଦ୍ର ସମେତ ୨୦ରୁ ଊର୍ଦ୍ଧ୍ୱ ଥିଏଟର ଓ ସିନେମାହଲ ରହିଛି।

## ଉନ୍ନତି ପଥରେ ସ୍ୱାସ୍ଥ୍ୟସେବା




ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭୁବନେଶ୍ୱରକୁ ବେଶ୍ ସୁନାମ ମିଳିଛି। ବିଶେଷକରି ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥା (ଏମ୍ସ) ପ୍ରତିଷ୍ଠା ହେବା ପରେ ଏହା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବଡ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛି। ଉନ୍ନତମାନର ଚିକିତ୍ସା ସାଙ୍ଗକୁ ଜଟିଳ ରୋଗର ଉପଚାର ପାଇଁ କେବଳ ସହର ନୁହେଁ ବରଂ ରାଜ୍ୟ ବାହାରୁ ରୋଗୀ ଏଠାକୁ ଆସୁଛନ୍ତି। ସେହିପରି କ୍ୟାପିଟାଲ ହସ୍ପିଟାଲ ମଧ୍ୟ ସହରବାସୀଙ୍କ ଆବଶ୍ୟକତାକୁ ମେଣ୍ଟାଉଛି। ଏହା ବ୍ୟତୀତ ବହୁ ଘରୋଇ ନର୍ସିଂହୋମ୍, କ୍ଲିନିକ୍ ରୋଗୀଙ୍କୁ ୨୪ ଘଣ୍ଟିଆ ସେବା ପ୍ରଦାନ କରୁଛନ୍ତି।

## ନୂଆ ରୂପରେ ମାଷ୍ଟରକ୍ୟାଣ୍ଟିନ୍ ଛକ

ସହରର ଅନ୍ୟତମ ପ୍ରମୁଖ ଛକ ଭାବେ ପରିଗଣିତ ମାଷ୍ଟରକ୍ୟାଣ୍ଟିନ ନୂଆ ରୂପ ପାଇଛି। ପୂର୍ବରୁ ରାସ୍ତା ମଝିରେ ଯୋଦ୍ଧା ଘୋଡ଼ାର ମୂର୍ତ୍ତି ରହିଥିଲା। ମାତ୍ର ଏହାକୁ ସ୍ଥାନାନ୍ତର କରାଯାଇଛି। ସେହିପରି ପଦ୍ମବିଭୂଷଣ ସୁଦର୍ଶନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଦ୍ମଶ୍ରୀ ରଘୁନାଥ ମହାପାତ୍ରଙ୍କ ନାତି ସ୍ମିତେଶ ମହାପାତ୍ର ଯୋଦ୍ଧା ଘୋଡ଼ା ଏବଂ ପାର୍ଶ୍ୱ ନର୍ତ୍ତକୀ ମୂର୍ତ୍ତି ମରାମତି କରିଛନ୍ତି। ଟ୍ରାଫିକ୍ ସମସ୍ୟାକୁ ସୁପରିଚାଳନା କରିବା ପାଇଁ ଛକରେ ଟ୍ରାଫିକ ପୋଷ୍ଟ ସ୍ଥାପନ କରାଯାଇଛି। ମାଷ୍ଟରକ୍ୟାଣ୍ଟିନ୍ ଛକଠାରୁ ରାମ ମନ୍ଦିର ପର୍ଯ୍ୟନ୍ତ ମେଡିଆନ୍ କରି ତାହାର ସୌନ୍ଦର୍ଯ୍ୟକରଣ କାମ ଚାଲିଛି।




## ସହର ପାଇଲା ପ୍ରଥମ ମହିଳା ମେୟର

ଚଳିତ ବର୍ଷ ଭୁବନେଶ୍ୱରବାସୀଙ୍କ ଏକ ସ୍ମରଣୀୟ ବର୍ଷ। କାରଣ ଏଥର ନିର୍ବାଚନରେ ସହର ପ୍ରଥମ ମହିଳା ମେୟରଙ୍କୁ ପାଇଛି। ଏଥିସହ ପ୍ରତ୍ୟକ୍ଷ ଭାବେ ଲୋକଙ୍କ ଦ୍ୱାରା ସେ ନିର୍ବାଚିତ ହୋଇଛନ୍ତି। ସେହିପରି ଭୁବନେଶ୍ୱର ମହାନଗର ନିଗମର କାୟା ବଢିଛି। ଚଳିତବର୍ଷ ପାତ୍ରପଡ଼ା, ଭଗବାନପୁର, ସୁବୁଦ୍ଧିପୁର, କଳାରାହାଙ୍ଗ, ପାଇକରାପୁର ଏବଂ ଶଙ୍କରପୁର ପଞ୍ଚାୟତ ବିଏମ୍‌ସିରେ ମିଶିଛି।

## ୱାଟର ଏଟିଏମ୍

ସହରବାସୀଙ୍କୁ ମାଗଣାରେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ପାଇଁ ବିଏମ୍‌ସି ପକ୍ଷରୁ ୱାଟର ଏଟିଏମ୍ ବ୍ୟବସ୍ଥା କରାଯାଇଛି। ପ୍ରାୟ ୪୦ଟି ସ୍ଥାନରେ ୱାଟର ଏଟିଏମ୍ ସ୍ଥାପନ କରାଯାଇଛି। ଏହାଦ୍ୱାରା ସହରବାସୀଙ୍କ ସମେତ ବାହାରୁ ଆସୁଥିବା ବ୍ୟକ୍ତି ଉପକୃତ ହୋଇପାରୁଛନ୍ତି।

## ଇ-ବର୍ଜ୍ୟବସ୍ତୁ ପରିଚାଳନା



ସହରକୁ ସବୁଜ ଓ ସୁନ୍ଦର କରି ଗଢି ତୋଳିବା ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ବିଶେଷକରି ବର୍ଜ୍ୟବସ୍ତୁ ପରିଚାଳନା ଲାଗି ସ୍ୱତନ୍ତ୍ର ଭାବେ ୩୦ଟି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଏବଂ ଅଳିଆରୁ ପୁନଃ ବ୍ୟବହାର ହୋଇପାରୁ ନ ଥିବା କାଚ, ପ୍ଲାଷ୍ଟିକ୍ ଏବଂ ଅନ୍ୟ ସାମଗ୍ରୀକୁ ଅଲଗା କରିବା ପାଇଁ ଏମ୍ଆର୍‌ଏଫ୍ ସ୍ଥାପନ କରାଯାଇଛି। ସେହିପରି ବ୍ୟାଟେରି ଅପରେଟର ସଫେଇ ଗାଡ଼ି ଦ୍ୱାରା ପ୍ରତ୍ୟେକ ଦିନ ସକାଳୁ ଘରକୁ ଘର ବୁଲି ଅଳିଆ ଉଠାଯାଉଛି। ରାଜଧାନୀକୁ ବାହ୍ୟ ମଳମୁକ୍ତ ସହର କରିବା ପାଇଁ ଇ-ଟଏଲେଟ୍‌ର ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ କେତୋଟି ସମ୍ପୂର୍ଣ୍ଣ ଅଟୋମେଟିକ୍ ଓ ଅନ୍ୟ କେତୋଟି ସେମି ଅଟୋମେଟିକ୍। ୩୦ଟି ସ୍ଥାନରେ ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ୬୦ଟି ଇ-ଟଏଲେଟ୍ କରାଯାଇଛି।

## ସ୍ମାର୍ଟ ଜନପଥ

ସ୍ମାର୍ଟ ସିଟି ପ୍ରକଳ୍ପ ଅନ୍ତର୍ଗତ ଶିଶୁଭବନ ଛକଠାରୁ ବାଣୀବିହାର ଛକ ପର୍ଯ୍ୟନ୍ତ ୫.୮ କିଲୋମିଟର ରାସ୍ତାକୁ ସ୍ମାର୍ଟ ଜନପଥରେ ପରିଣତ କରାଯାଉଛି। ଏଥିରେ ଶିଶୁ ଓ ବରିଷ୍ଠ ନାଗରିକଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରାଯିବ। ୭୯.୫୬କୋଟି ଟଙ୍କା ବ୍ୟୟରେ ଚାଲିଥିବା ଏହି ପ୍ରକଳ୍ପରେ ରାସ୍ତା ଦୁଇପାର୍ଶ୍ୱର ସୌନ୍ଦର୍ଯ୍ୟକରଣ, ଲ୍ୟାଣ୍ଡସ୍କେପିଂ, ଛକ ପୁନଃର୍ନିର୍ମାଣ, କଲଭର୍ଟ, ସାର୍ବଜନୀନ ପ୍ଲାଜା, ଡ୍ରେନ ଆଦି କାମ ହେବ।




## ଐତିହ୍ୟ ବଖାଣୁଛି ସଂଗ୍ରହାଳୟ



ଓଡ଼ିଶାର ସବୁ ଜିଲା ଓ ସ୍ଥାନର ଚାଲି ଚଳଣି, ଲୋକକଳା, ଭାଷା, ସାହିତ୍ୟ, ସଂସ୍କୃତି ଆଦି ବିଷୟରେ ସୂଚନା ଦେବା ପାଇଁ ରାଜଧାନୀରେ ବିଭିନ୍ନ ସଂଗ୍ରହାଳୟ ରହିଛି। ରାଜ୍ୟ ସଂଗ୍ରହାଳୟ, ଅନୁସୂଚିତ ଜାତି ଓ ଜନଜାତି ସଂଗ୍ରହାଳୟ, ବୁଦ୍ଧ ଆର୍ଟ ଗ୍ୟାଲେରସି, ହସ୍ତତନ୍ତ ଓ ହସ୍ତକଳା ସଂଗ୍ରହାଳୟ, ରିଜିଓନାଲ ମ୍ୟୁଜିୟମ୍ ଅଫ୍ ନାଚୁରାଲ ହିଷ୍ଟ୍ରି, ଓଡ଼ିଶା କ୍ରାଫ୍ଟ ମ୍ୟୁଜିୟମ୍ ପ୍ରଭୃତି ରହିଛି।

## ଭେଣ୍ଡିଂ ଜୋନ୍ ବଦଳରେ ସ୍ମାର୍ଟ କିଓସ୍କ

ରାସ୍ତା କଡ଼ରେ ଥିବା ଭେଣ୍ଡିଂ ଜୋନ୍ ବଦଳରେ ବ୍ୟବସାୟୀମାନଙ୍କୁ ସ୍ମାର୍ଟ କିଓସ୍କ ପ୍ରଦାନ କରାଯାଉଛି। ମୋଟ୍ ୩ଶହ କିଓସ୍କ ପ୍ରଦାନ ପାଇଁ ବ୍ୟବସ୍ଥା ଥିବାବେଳେ ଏଯାବତ୍ ୨୩୧ଟି କିଓସ୍କ ବଣ୍ଟାଯାଇଛି।

## ମଲ୍ଟି ଲେଭଲ ଡିଜିଟାଲ କିଓସ୍କ

ହାତ ପାହାନ୍ତାରେ ବିଏମ୍‌ସି ଏବଂ ବିଡିଏ ସେବା ପାଇବା ପାଇଁ ସ୍ମାର୍ଟ ସିଟି ପକ୍ଷରୁ ଇଣ୍ଟିଗ୍ରେଟେଡ ମଲ୍ଟିପୁଲ ସର୍ଭିସ ଡିଜିଟାଲ କିଓସ୍କ ସ୍ଥାପନ କରାଯାଇଛି। ସହରରେ ୨୫ଟି ଇନ୍‌ଡୋର ଓ ୫୦ଟି ଆଉଟ୍‌ଡୋର୍ କିଓସ୍କ ସ୍ଥାପନ ହୋଇଛି। ସୂଚନା ଅଧିକାର ହେଉ ଅବା ଟ୍ରେଡ୍ ଲାଇସେନ୍ସ, ବିବାହ ପ୍ରମାଣପତ୍ର, ଅଭିଯୋଗ ସବୁକିଛି ଅନ୍‌ଲାଇନ୍ ମାଧ୍ୟମରେ କରାଯାଇ ପାରୁଛି।

## ସ୍ମାର୍ଟ ପାର୍କିଂ

ସୁବ୍ୟବସ୍ଥିତ ଗାଡ଼ି ପାର୍କିଂ ପାଇଁ ପାର୍କିଂକୁ ୨ଭାଗରେ ବିଭକ୍ତ କରାଯାଇଛି। ଅନ୍ ଷ୍ଟ୍ରିଟ୍ ପାର୍କିଂ ଏବଂ ଅଫ୍‌ଷ୍ଟ୍ରିଟ୍ ପାର୍କିଂ ବ୍ୟବସ୍ଥା କରାଯାଇଛି। ଅନ୍‌ଷ୍ଟ୍ରିଟ ପାର୍କିଂ ଅନ୍ତର୍ଗତ ସହରର ବିଭିନ୍ନ ସ୍ଥାନରେ ୫ହଜାର ଗାଡ଼ି ପାର୍କିଂ କରାଯାଇପାରିବ। ସେହିପରି ଅଫ୍‌ଷ୍ଟ୍ରିଟ୍ ପାର୍କିଂ (ମଲ୍ଟିଲେଭଲ କାର୍ ପାର୍କିଂ) ପାଇଁ ରାଜମହଲ ଓ ଶହୀଦନଗରରେ ବ୍ୟବସ୍ଥା କରାଯାଉଛି। ୨୮.୮୭ କୋଟି ଟଙ୍କା ବ୍ୟୟରେ ଶହୀଦନଗରରେ ନିର୍ମିତ ପାର୍କିଂସ୍ଥଳରେ ଏକସଙ୍ଗେ ୫୭୫ ଗାଡ଼ିପାର୍କିଂ ବ୍ୟବସ୍ଥା ରହିଥିବାବେଳେ ୪୩.୮୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ରାଜମହଲ ପାର୍କିଂରେ ୯୧୬ ଗାଡ଼ି ରଖିବା ପାଇଁ ବ୍ୟବସ୍ଥା ହୋଇଛି।




## ଆସନ୍ତା ବର୍ଷ ପାଇଁ ଯୋଜନା

ଭୁବନେଶ୍ୱର ସ୍ମାର୍ଟସିଟି ପକ୍ଷରୁ ରାଜଧାନୀରେ ଖୁବ୍‌ଶୀଘ୍ର ଇ-ବସ୍, ଇ-ରିକ୍ସା ଚାଲିବ। ଏଥିପାଇଁ ୧୧ଟି ପ୍ରମୁଖ ସ୍ଥାନରେ ୨୮ଟି ଇଲେକ୍ଟ୍ରୋନିକ୍ ଚାର୍ଜିଂ ଷ୍ଟେଶନ ସ୍ଥାପନ କରାଯାଇଛି। ଆମ୍ବିସିୟସ୍ ପ୍ରୋଜେକ୍ଟ ମାଧ୍ୟମରେ ସତ୍ୟନଗର ଜନପଥ ପାଖ ଲେକ୍‌କୁ ନୂଆ ରୂପ ଦିଆଯିବ। ବାପୁଜୀନଗର ଓ ଶହୀଦନଗରରେ 'ମୋ ସୁବିଧା କେନ୍ଦ୍ର' ସ୍ଥାପନ ହୋଇଛି। ଖୁବ୍‌ଶୀଘ୍ର କଳିଙ୍ଗନଗର ଓ ଚନ୍ଦ୍ରଶେଖରପୁରରେ ଏହି କେନ୍ଦ୍ର ଖୋଲାଯିବ। ଫଳରେ ନାଗରିକମାନଙ୍କୁ ବିଭିନ୍ନ କାମ ପାଇଁ ଆଉ ସରକାରୀ ଅଫିସ୍‌କୁ ଯିବାକୁ ପଡିବ ନାହିଁ। ଡୋର୍‌ଷ୍ଟେପ୍‌ରେ ସେମାନେ ସୁବିଧା ପାଇବେ।



## ଏମାନଙ୍କ ମତରେ...



ଭୁବନେଶ୍ୱରର ଇତିହାସ ଅତ୍ୟନ୍ତ ଗୌରବମୟ। ପୂର୍ବାପେକ୍ଷା ସହରର କଳେବର ବୃଦ୍ଧି ପାଇଛି। ଏବେ ଏହା ଏକ ଏମର୍ଜିଂ ମଡର୍ନ ସିଟିରେ ପରିଣତ ହୋଇଛି। ସହରକୁ ସ୍ୱଚ୍ଛ ଓ ସବୁଜ ସହର ଭାବେ ପରିଣତ କରିବା ପାଇଁ କାର୍ଯ୍ୟକ୍ରମ ହେଉଛି। ଏଠାରେ ବହୁ ବଡ଼ ବଡ଼ ହସ୍ପିଟାଲ, ଶିକ୍ଷାନୁଷ୍ଠାନ ରହିଛି। ଆଗାମୀ ଦିନରେ ବହୁ ପ୍ରକଳ୍ପ ନେଇ ଯୋଜନା କରାଯାଉଛି। ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହର ଭାବେ ଗଢି ତୋଳିବାର ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା।

**-ସୁଲୋଚନା ଦାସ, ମେୟର, ଭୁବନେଶ୍ୱର ମହାନଗର ନିଗମ**



ଭୁବନେଶ୍ୱର ସ୍ମାର୍ଟ ସିଟି (ବିଏସ୍‌ସିଏଲ୍) ପକ୍ଷରୁ କେତେକ ପ୍ରମୁଖ ଅଞ୍ଚଳର ଭିତ୍ତିଭୂମି ବିକାଶ କରାଯାଇଥିଲେ ମଧ୍ୟ ଟେକ୍ନୋଲୋଜିକାଲି ସହରର ପ୍ରତି କୋଣ ଅନୁକୋଣରେ ପହଞ୍ଚି ପାରିଛୁ। ଲୋକଙ୍କ ସାମାଜିକ ସୁରକ୍ଷା ଦୃଷ୍ଟିରୁ ୭ଶହ ସିସିଟିଭି କ୍ୟାମେରା ଲଗାଯାଇଛି। ଏହା ଅପ୍ଟିକାଲ ଫାଇବର କେବୁଲ ନେଟ୍‌ୱର୍କ ମାଧ୍ୟମରେ ପ୍ରତ୍ୟେକ ଥାନା, ଡିସିପି ଅଫିସ୍ ଏବଂ କମିଶନରେଟ ସହିତ ସଂଯୋଗ ହୋଇଛି। ସେହିପରି ୧୮ଶହ ସ୍ଥାନରେ ୱାଇଫାଇ ଆକ୍‌ସେସ୍ ପଏଣ୍ଟ ଦିଆଯାଇଛି। ଲୋକଙ୍କୁ ୩୦ଏମ୍‌ବି ପର୍ଯ୍ୟନ୍ତ ଫ୍ରି ଇଣ୍ଟରନେଟ୍ ଯୋଗାଇ ଦିଆଯାଉଛି। ସହରର ପ୍ରମୁଖ ଜନପଥ ଅଞ୍ଚଳଗୁଡିକରେ ରାସ୍ତାର ବିକାଶ ସହିତ ଭୂତଳ ବିଦ୍ୟୁତ ସୁବିଧା, ଗ୍ୟାସ୍ ନେଟୱର୍କିଂ, ଅପ୍ଟିକାଲ ଫାଇଭରରେ ଇଣ୍ଟରନେଟ ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ପାଇଁ ଗେଲ୍ ପକ୍ଷରୁ ଗ୍ୟାସ୍ ସେବା ଯୋଗାଇ ଦିଆଯାଉଛି। ଜନପଥ ଅଞ୍ଚଳରେ ଅଣ୍ଡରଗ୍ରାଉଣ୍ଡ ଡ୍ରେନ୍ କରାଯାଇ ତା' ଉପରେ ସାଇକେଲ ଟ୍ରାକ୍ କରାଯାଇଛି। ଭାରତ ବର୍ଷର ୧୦୦ଟି ସ୍ମାର୍ଟସିଟି ମଧ୍ୟରେ ଭୁବନେଶ୍ୱର ଏକମାତ୍ର ସ୍ମାର୍ଟସିଟି ଯେଉଁଠାରେ ୧୧କିଲୋମିଟର ପର୍ଯ୍ୟନ୍ତ ସାଇକେଲ ଟ୍ରାକ୍ ଗୋଟିଏ ରାସ୍ତାରେ ଦିଆଯାଇଛି। ଏହାବ୍ୟତୀତ ଅର୍ବାନ ଟ୍ରାନ୍ସପୋର୍ଟକୁ ଗୁରୁତ୍ୱ ଦିଆଯାଇ ମୋ ବସ୍ ସେବାକୁ ବୃଦ୍ଧି କରାଯାଇଛି।

**-କମଲ୍‌ଜିତ୍ ଦାସ, ଜେନେରାଲ ମ୍ୟାନେଜର, ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ**



ମୁଁ ଦେଖିଥିବା ସେଦିନର ଭୁବନେଶ୍ୱର ଆଉ ନାହିଁ। ସହରର ସୀମା ବଢିବା ସହିତ ଏଥିରେ ବହୁତ ପରିବର୍ତ୍ତନ ହୋଇସାରିଲାଣି। ସବୁଜ ବନାନୀ ମଧ୍ୟରେ ଘେରି ରହିଥିବା ଅଞ୍ଚଳ ଏବେ କଂକ୍ରିଟ୍ ସହରରେ ପରିଣତ ହୋଇଛି। ସେହିପରି ପୂର୍ବରୁ ଥିବା ଭାଇଚାରା ମଧ୍ୟ ଆଉ ନାହିଁ। ଅପରାଧ ବଢି ଚାଲିଛି।

**-କାଶୀନାଥ ସିଠ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଭୁବନେଶ୍ୱର**



ଭୁବନେଶ୍ୱର ଏବେ ସ୍ମାର୍ଟ ସିଟିରେ ପରିଣତ ହୋଇଛି। ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ଶିକ୍ଷା, ପରିବହନ, ପରିମଳ, ରୋଜଗାର ସବୁକିଛିର ବ୍ୟବସ୍ଥା ରହିଛି। କହିବାକୁ ଗଲେ ମୁମ୍ବାଇ, ଦିଲ୍ଲୀ ଭଳି ମେଟ୍ରୋ ସହରର ସୁବିଧା ଏଠାରେ ମିଳୁଛି। ତେଣୁ ବାହାର ଜିଲା ଏପରିକି ରାଜ୍ୟ ବାହାରର ଲୋକେ ଏଠାକୁ ଆସୁଛନ୍ତି।

**-ସାବିତ୍ରୀ ବେଉରା, ଗୃହିଣୀ, ଭୁବନେଶ୍ୱର**

